# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**27 June – 2025**

**News Editor : Tapan Kumar Moharana**

**********************************

## ମୁଖ୍ୟ ସମ୍ବାଦ

- ପୁରୀ ବଡ଼ଦାଣ୍ଡରେ ରଥାରୂଢ଼ ଚତୁର୍ଦ୍ଧାମୂର୍ତ୍ତିଙ୍କ ଶ୍ରୀଗୁଣ୍ଡିଚା ଅଭିମୁଖେ ଯାତ୍ରା ଆରମ୍ଭ

— ପୁରପଲ୍ଲୀଠାରୁ ଆରମ୍ଭ କରି ରାଜ୍ୟର ସମସ୍ତ ସ୍ଥାନରେ ଭକ୍ତିପୂର୍ଣ୍ଣ ପରିବେଶରେ ଚାଲିଛି ରଥଯାତ୍ରା

- ଶ୍ରୀଜଗନ୍ନାଥଙ୍କ ମନ୍ଦିର ସ୍ୱତ୍ୱଲିପି ଓ ଉତ୍କଳପ୍ରସଙ୍ଗ ରଥଯାତ୍ରା ବିଶେଷାଙ୍କ ପତ୍ରିକାକୁ ଉନ୍ମୋଚନ କଲେ ରାଜ୍ୟପାଳ

- ଆସନ୍ତା ସୋମବାର ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ନିମନ୍ତେ ଆଜିଠାରୁ ଆରମ୍ଭ ହେଲା ପଞ୍ଜୀକରଣ

ଏବଂ

- ଲଘୁଚାପ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବଜ୍ରପାତ ସହ ବର୍ଷା ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ପ୍ରାୟ ସମସ୍ତ ଜିଲ୍ଲାକୁ ସତର୍କ ସୂଚନା

# ରଥଯାତ୍ରା

ପୁରୀ ଶ୍ରୀକ୍ଷେତ୍ରରେ ଆଜି ଅନୁଷ୍ଠିତ ହୋଇଛି ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା । ଚତୁର୍ଦ୍ଧା ମୂର୍ତ୍ତି ରଥାରୂଢ଼ ହେବା ପରେ  ରଥଟଣା ଆରମ୍ଭ ହୋଇଥିଲା। ଶ୍ରୀଜୀଉମାନେ ରଥ ଉପରେ ବିଜେ କରିବା ପରେ ମହାପ୍ରଭୁଙ୍କ ଆଦ୍ୟ ସେବକ ଗଜପତି ମହାରାଜା ଦିବ୍ୟସିଂହ ଦେବ ସୁନା ଖଡିକାରେ ଛେରାପହଁରା କରିବା ପରେ ୩ ରଥରେ ଘୋଡା ଯୋଚା ଯାଇ ରଥଟଣା ଆରମ୍ଭ ହୋଇଥିଲା। ପ୍ରଥମେ ବଳଭଦ୍ରଙ୍କ ତାଳଧ୍ୱଜ ରଥ ପରେ ସୁଭଦ୍ରାଙ୍କ ଦର୍ପଦଳନ ରଥକୁ ଭକ୍ତମାନେ ଟାଣିଥିଲେ। ବର୍ତ୍ତମାନ ମିଳିଥିବା ସୂଚନା ଅନୁସାରେ, ଶ୍ରୀଗୁଣ୍ଡିଚା ମନ୍ଦିର ନିକଟରେ ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରାଙ୍କ ରଥକୁ ଭକ୍ତମାନେ ବଡଦାଣ୍ଡରେ ଟାଣୁଛନ୍ତି। ଶ୍ରୀଜଗନ୍ନାଥଙ୍କ ରଥ ନନ୍ଦୀଘୋଷ କିଛି ସମୟ ମଧ୍ୟରେ ଶ୍ରୀଗୁଣ୍ଡିଚା ଅଭିମୁଖେ ଯାତ୍ରା ଆରମ୍ଭ କରିବ।

ଏ ସମ୍ପର୍କରେ ଏକ ରିପୋର୍ଟ...

*ମହାପ୍ରଭୁଙ୍କ ଘୋଷଯାତ୍ରା ପାଇଁ ଚଳଚଞ୍ଚଳ ହୋଇଉଠିଛି ଶ୍ରୀକ୍ଷେତ୍ର। ବଡଦାଣ୍ଡରେ ଭକ୍ତଙ୍କ ଭିଡ ଲାଗି ରହିଛି। ରାଜ୍ୟବାସୀଙ୍କ ଗର୍ବ ଓ ଗୌରବ କୋଟି ଓଡ଼ିଆଙ୍କ ମଉଡମଣି ଶ୍ରୀଜଗନ୍ନାଥ ନଅ ଦିନର ଯାତ୍ରାରେ ଶ୍ରୀଗୁଣ୍ଡିଚା ଅଭିମୁଖେ ବାହାରିଛନ୍ତି। ଭକ୍ତ ଓ ଭଗବାନଙ୍କ ଦିବ୍ୟ ମିଳନରେ ବଡ଼ଦାଣ୍ଡରେ ଏକ ନିଆରା ଭକ୍ତିମୟ ପରିବେଶ ସୃଷ୍ଟି ହୋଇଛି। ଘଣ୍ଟ-*

ଘଣ୍ଟା, ଖୋଲ-ତାଳ, ହରିବୋଲ ହୁଳହୁଳି ଓ ଜୟ ଜଗନ୍ନାଥ ଧ୍ୱନିରେ ଗଗନପବନ ପ୍ରକମ୍ପିତ ହୋଇଉଠୁଛି ।

ଆଷାଢ଼ ଶୁକ୍ଳ ଦ୍ୱିତୀୟା ତିଥିରେ ଆଜି  ଚକ୍ରରାଜ ଶ୍ରୀସୁଦର୍ଶନ, ବଡ଼ଠାକୁର ଶ୍ରୀବଳଭଦ୍ର, ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ଦେବୀ ସୁଭଦ୍ରାଙ୍କ ମାନବୀୟ ଲୀଳାକୁ ସମଗ୍ର ବ୍ରହ୍ମାଣ୍ଡ ଦର୍ଶନ କରୁଛି । ନୀତିନିର୍ଘଣ୍ଟ ଅନୁସାରେ, ଆଜି ସକାଳ  ସାଢ଼େ ୯ଟାରେ ଠାକୁରଙ୍କ ପହଣ୍ଡି ଆରମ୍ଭ ହୋଇଥିଲା । ପ୍ରଥମେ ପ୍ରଭୁ ସୁଦର୍ଶନଙ୍କର ପହଣ୍ଡି ପରେ ବଡ଼ ଭାଇ ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କ ସହିତ ମହାପ୍ରଭୁ ଶ୍ରୀଜଗନାଥ ଧାଡି ପହଣ୍ଡିରେ ଆସି ରଥ ଉପରେ ବିରାଜମାନ କରିଥିଲେ ।   ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ, ନିଶ୍ଚଳାନନ୍ଦ ସରସ୍ୱତୀ, ରଥାରୂଢ଼ ଚତୁର୍ଦ୍ଧାମୂର୍ତ୍ତିଙ୍କ ଦର୍ଶନ କରିଛନ୍ତି ।

ନୀତିନିର୍ଘଣ୍ଟ ଅନୁସାରେ, ଭକ୍ତିମୟ ପରିବେଶ ମଧ୍ୟରେ ଅପରାହ୍ଣରେ ମହାପ୍ରଭୁଙ୍କ ଆଦ୍ୟସେବକ ଗଜପତି ମହାରାଜ ଦିବ୍ୟସିଂହ ଦେବ ୩ ରଥରେ ଛେରାପହଁରା କରିଛନ୍ତି ।  ଗଜପତି ମହାରାଜ ଶ୍ରୀନଅରରୁ ତାମଜାନରେ ଆସି ରଥ ଉପରେ ପହଞ୍ଚିଥିଲେ । ପ୍ରଥମେ ତାଳଧ୍ୱଜ ରଥରେ ଚଢ଼ି ସୁବାଷିତ ଜଳ ସିଞ୍ଚନ କରିବା ପରେ ସୁବର୍ଣ୍ଣ ଖଡିକାରେ ଛେରାପହଁରା କରିଥିଲେ ।

ଏହାପରେ ଶ୍ରୀଗୁଣ୍ଡିଚା ଅଭିମୁଖେ ୩ ରଥ ଗଡ଼ିବା ଆରମ୍ଭ କରିଥିଲା । ରଥାରୂଢ଼ ମହାପ୍ରଭୁଙ୍କୁ ବାମନ ବେଶରେ ଦର୍ଶନ କରି ଭକ୍ତ ନିଜକୁ ଧନ୍ୟ ମନେ କରୁଛି ।

# ରଥଯାତ୍ରା-ଜିଲ୍ଲା

ରାଜ୍ୟର ବିଭିନ୍ନ ସ୍ଥାନରେ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି ।

**ନୟାଗଡ଼** ଜିଲ୍ଲାର ବିଭିନ୍ନ ସ୍ଥାନରେ ଆଜି ପବିତ୍ର ଘୋଷଯାତ୍ରା ଭକ୍ତି, ନିଷ୍ଠାର ସହିତ ସମ୍ପନ୍ନ ହୋଇଛି । ରଣପୁରଠାରେ ଶ୍ରୀଜୀଉମାନଙ୍କୁ ୩ଟି ରଥରେ ବିଜେ କରାଯାଇଥିଲା । ମା' ସୁଭଦ୍ରାଙ୍କ ରଥକୁ ମହିଳାମାନେ ଟାଣିଥିଲେ । ରଥଯାତ୍ରାକୁ ଶୃଙ୍ଖଳିତ କରିବା ପାଇଁ ଜିଲ୍ଲା ପ୍ରଶାସନ ଓ ପୁଲିସ୍ ବିଭାଗ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା ।

**କୋରାପୁଟ** ଜିଲ୍ଲାର ବିଭିନ୍ନ ଅଂଚଳରୁ ଶତାଧିକ ଜନଜାତୀୟ ଲୋକ ଶବରଶ୍ରୀକ୍ଷେତ୍ରର ପ୍ରସିଦ୍ଧ ରଥଯାତ୍ରାରେ ଅଂଶଗ୍ରହଣ କରିଥିଲେ । ଦୁରୁଆ, ପରଜା ଓ କୋଣ୍ଡାଦୁରୁଆ ଜନଜାତୀଙ୍କ ଦ୍ୱାରା ବିଶେଷ ଭୋଗଦାନ ପରେ କୋଟିଆ, କାକ୍ରିଗୁମ୍ମା ଓ କୋରାପୁଟ ଅଂଚଳର ଜନଜାତି ପ୍ରମୁଖମାନେ ୩ଟି ରଥ ଉପରେ ଛେରାପହଁରା କରିଥିଲେ । ପରେ ରଥକୁ ଗୁଣ୍ଡିଚା ମନ୍ଦିରଆଡକୁ ଟଣାଯାଇଥିଲା ।

**ଦେବଗଡ଼** ଜିଲ୍ଲାର ବିଭିନ୍ନ ସ୍ଥାନରେ ଅତ୍ୟନ୍ତ ଉଲ୍ଲାସ ଓ ଉଦ୍ଧୀପନା ସହିତ ରଥଯାତ୍ରା ଅନୁଷ୍ଠିତ ହେଉଛି । ଆଜି ରଥାରୂଢ଼ ଠାକୁର ସନ୍ଧ୍ୟାରେ ସର୍ବସାଧାରଣଙ୍କୁ ଦର୍ଶନ ଦେବେ ।  ଆସନ୍ତାକାଲି ଓ ପରଦିନ ଦୁଇଦିନ ଧରି ରଥଟଣା ଉତ୍ସବ ଅନୁଷ୍ଠିତ ହେବ ।

**ନବରଙ୍ଗପୁର**ଠାରେ ନିର୍ଦ୍ଧାରିତ ସମୟ ମଧ୍ୟରେ ନୀତିନିର୍ଘଣ୍ଟରେ ୩ ଠାକୁରଙ୍କ ପହଣ୍ଡି ବିଜେ ହୋଇଥିଲା । ପରେ ଶାନ୍ତି ଶୃଙ୍ଖଳାର ସହ ରଥଟଣା ଅନୁଷ୍ଠିତ ହୋଇଥିଲା ।

**ରାୟଗଡ଼ା** ସମେତ ମୁନିଗୁଡ଼ା, ଗୁଣୁପୁର, କାଶୀପୁର, ବିଷମକଟକ, କଲ୍ୟାଣସିଂହପୁର ଆଦି ସହରରେ ରଥଟଣା ଅନୁଷ୍ଠିତ ହୋଇଛି ।

**ଢ଼େଙ୍କାନାଳ**ଠାରେ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ୩ ପ୍ଲାଟୁନ୍ ପୋଲିସ୍ ଫୋର୍ସ୍ ମୁତୟନ କରାଯାଇଥିଲା ।

**ବୌଦ୍ଧ**ଠାରେ ରଥଯାତ୍ରା ଶାନ୍ତିପୂର୍ଣ୍ଣ ଭାବେ ଅନୁଷ୍ଠିତ ହେଉଛି । ବିଳମ୍ବିତ ରାତି ପର୍ଯ୍ୟନ୍ତ ରଥ ଟଣାଯାଇ ମାଉସୀ ମା ମନ୍ଦିର ପର୍ଯ୍ୟନ୍ତ ନିଆଯିବ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି ।

**ବରଗଡ଼** ଜିଲ୍ଲା ଭଟଲୀସ୍ଥିତ ଶ୍ରୀଶ୍ରୀ ଦଧିବାମନ ମହାପ୍ରଭୁଙ୍କ ପ୍ରସିଦ୍ଧ ନବଗୁଞ୍ଜର ରଥଯାତ୍ରା ଆଜିଠାରୁ ଭକ୍ତି ଓ ଶ୍ରଦ୍ଧାର ସହିତ ଆରମ୍ଭ ହୋଇଛି ।

**ମାଲକାନଗିରି** ଜିଲ୍ଲା ସଦର ମହକୁମା ସମେତ ଜିଲ୍ଲାର ବିଭିନ୍ନ ସ୍ଥାନରେ ଘୋଷଯାତ୍ରା ପାଳିତ ହୋଇଛି । ଜିଲ୍ଲାର ସଦର ମହକୁମାଠାରେ ଜିଲ୍ଲାପାଳ ଆଶୀଷ ଈଶ୍ୱର ପାଟିଲ ଛେରାପହଁରା କରିବା ପରେ ଆନୁଷ୍ଠାନିକ ଭାବେ ରଥଟଣା ଆରମ୍ଭ ହୋଇଥିଲା ।

**ଭଦ୍ରକ** ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ କେଶପୁର ଗ୍ରାମରେ ଅନୁଷ୍ଠିତ ରଥଯାତ୍ରାରେ ଛେରାପହଁରା କରିବା ପରେ ରଥଟଣା ଆରମ୍ଭ ହୋଇଥିଲା ।

**କଳାହାଣ୍ଡି** ଜିଲ୍ଲାର ଗ୍ରାମାଞ୍ଚଳ, ସହର ତଥା ସଦର ମହକୁମା ଭବାନୀପାଟଣାଠାରେ ରଥଯାତ୍ରା ଅନୁଷ୍ଠିତ ହୋଇଛି। ରାଜା ଅନନ୍ତପ୍ରତାପ ଦେଓ ଛେରାପହଁରା କରିବା ପରେ ଚତୁର୍ଦ୍ଧା ମୂର୍ତ୍ତିଙ୍କ ପହଣ୍ଡି ବିଜେ ହୋଇଥିଲା।

**ବାରିପଦା**ରେ ଆସନ୍ତାକାଲି ପାରମ୍ପରିକ ରୀତିନୀତି ଅନୁଯାୟୀ ରଥଯାତ୍ରା ଅନୁଷ୍ଠିତ ହେବ। ଏ ନେଇ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ସୂଚନାଯୋଗ୍ୟ,  ଏହି ରଥଯାତ୍ରାରେ ମହିଳାମାନେ ରଥ ଟାଣିଥାନ୍ତି। ଏଥିପାଇଁ ପୁଲିସ୍ ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଉଛି।

## ଉତ୍କଳ ପ୍ରସଙ୍ଗ

ରଥଯାତ୍ରା ଅବସରରେ ଶ୍ରୀଜଗନ୍ନାଥ ମନ୍ଦିର ସ୍ୱତ୍ୱଲିପି ଓ ଉତ୍କଳପ୍ରସଙ୍ଗର ରଥଯାତ୍ରା ବିଶେଷାଙ୍କ ପତ୍ରିକାକୁ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ କେନ୍ଦ୍ର ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତ୍ ଉନ୍ମୋଚନ କରିଥିଲେ। ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରଚାର ଓ ପ୍ରସାର ପାଇଁ ଏହା ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି।

## ଟଙ୍କ ତୋରାଣି ବଣ୍ଟନ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରଥଯାତ୍ରା ଅବସରରେ ସିଂହଦ୍ୱାରଠାରେ ଓଡ଼ିଶା ପୁଲିସ୍‌ର କରୁଣା ଅନୁଷ୍ଠାନ ଆନୁକୂଲ୍ୟରେ ଆୟୋଜିତ ଟଙ୍କ ତୋରାଣି କେନ୍ଦ୍ରକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟମନ୍ତ୍ରୀ ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କୁ ଟଙ୍କ ତୋରାଣି ବଣ୍ଟନ କରିଛନ୍ତି।

## ଜନ ଅଭିଯୋଗ ଶୁଣାଣି

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସନ୍ତା ସୋମବାର ପୂର୍ବାହ୍ନରେ ଭୁବନେଶ୍ୱରସ୍ଥିତ ୟୁନିଟ୍-୨ ଅଶୋକ ନଗର ପୂର୍ବତନ ସରକାରୀ ପ୍ରାଥମିକ ବିଦ୍ୟାଳୟଠାରେ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରିବେ। ଅଭିଯୋଗ ଶୁଣାଣି ପାଇଁ ଆଜିଠାରୁ ପଞ୍ଜୀକରଣ ଆରମ୍ଭ ହୋଇଛି। ଆଗ୍ରହୀ ଜନସାଧାରଣ **janasunini.odisha.gov.in** ପୋର୍ଟାଲ ଅଥବା ଜନଶୁଣାଣି ମୋବାଇଲ୍ ଆପ୍ଲିକେଶନ୍ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିବା ପାଇଁ ପଞ୍ଜୀକରଣ କରିପାରିବେ। ଏ ନେଇ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ଡାଇରିଆ

**ଯାଜପୁର** ଜିଲ୍ଲାରେ ଡାଇରିଆ ନିୟନ୍ତ୍ରଣ ପାଇଁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଉଛି। ସଂକ୍ରମଣ ଓ ଡାଇରିଆ ରୋକିବା ପାଇଁ ଜିଲ୍ଲାରେ ଥିବା ବିଭିନ୍ନ ନଳକୂପ, ପାଣିଟାଙ୍କିଗୁଡ଼ିକୁ ବିଶୋଧନ କରାଯାଉଛି। ବିଶୋଧନ ହେବା ପରେ ଯେଉଁଠାରେ ଡାଇରିଆ ସଂକ୍ରମଣ ଚିହ୍ନଟ ହେଉଛି, ସେଠାରେ ଟ୍ୟାଙ୍କର ମାଧ୍ୟମରେ ପାନୀୟ ଜଳ ଯୋଗାଇ ଦିଆଯାଉଛି। ଗ୍ରାମ୍ୟ ଜଳଯୋଗାଣ ଓ ପାନୀୟ ଜଳ ବିଭାଗ ପକ୍ଷରୁ ଆଜି ସୁଦ୍ଧା ମିଳିଥିବା ସୂଚନା ଅନୁସାରେ, ପ୍ରଥମ ପର୍ଯ୍ୟାୟରେ ସମୁଦାୟ ୧୮ ହଜାର ୮୧୪ଟି ନଳକୂପ, ଦ୍ୱିତୀୟ ପର୍ଯ୍ୟାୟରେ ୮ ହଜାର ୩୨୫ଟି ଓ ତୃତୀୟ ପର୍ଯ୍ୟାୟରେ ୮ ହଜାର ୩୦୨ଟି ନଳକୂଳକୁ ବିଶୋଧନ କରାଯାଉଛି।

ବର୍ତ୍ତମାନ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମେତ ଅନ୍ୟ ଚିକିତ୍ସାଳୟରେ ୧୦୬ ଜଣ ରୋଗୀ ଚିକିତ୍ସିତ ହେଉଛନ୍ତି।

## ବିଇଡି ନାମଲେଖା

୨୦୨୫-୨୬ ଶିକ୍ଷାବର୍ଷରେ ବିଇଡି, ବିଏଚ୍ଇଡି ଏବଂ ଏମ୍ଇଡି ବିଷୟରେ ନାମଲେଖା ପାଇଁ ପ୍ରବେଶିକା ପରୀକ୍ଷାକୁ ଘୁଞ୍ଚାଇ ଦିଆଯାଇଛି। ଖୁବ୍‌ଶୀଘ୍ର ରାଜ୍ୟ ଚୟନ ବୋର୍ଡ ପକ୍ଷରୁ ନୂଆ ତାରିଖ ଘୋଷଣା ହେବ। ଏ ନେଇ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ହକି-ମାଷ୍ଟର୍ସ କପ୍

ଚେନ୍ନାଇଠାରେ ଅନୁଷ୍ଠିତ ପ୍ରଥମ ହକି ଇଣ୍ଡିଆ ମାଷ୍ଟର୍ସ କପ୍ ମହିଳା ବର୍ଗ ଫାଇନାଲ୍‌ରେ ଓଡ଼ିଶା' ପଞ୍ଜାବକୁ ୧-୦ ଗୋଲ୍‌ରେ ପରାସ୍ତ କରି ଚାମ୍ପିଅନ୍ ହୋଇଛି।

ପୁରୁଷ ବର୍ଗ ଫାଇନାଲ୍‌ରେ ତାମିଲନାଡୁ ଓ ମହାରାଷ୍ଟ୍ର ମଧ୍ୟରେ ମୁକାବିଲା ହେବ।

ଆଜି ମହଲା ବର୍ଗରେ ତୃତୀୟ ଏବଂ ଚତୁର୍ଥ ସ୍ଥାନପାଇଁ ହୋଇଥିବା ମ୍ୟାଚ୍‌ରେ ହରିୟାଣା ଆୟୋଜକ ତାମିଲନାଡୁକୁ ୪-୩ ଗୋଲ୍‌ରେ ପରାସ୍ତ କରିଛି।

ପୁରୁଷ ବର୍ଗରେ ଚଣ୍ଡିଗଡ଼' ଓଡ଼ିଶାକୁ ୨-୧ ଗୋଲ୍‌ରେ ପରାସ୍ତ କରି ତୃତୀୟ ସ୍ଥାନ ଅଧିକାର କରିଛି।

ମାର୍ଷ୍ଟସ କପ ପୁରୁଷ ବର୍ଗରେ ଲାଜରୁସ୍ ବାର୍ଲା ୫ଟି ଗୋଲ୍ ସ୍କୋର୍ କରିଥିବାବେଳେ ମହିଳା ବର୍ଗରେ ହରିୟାଣାର ଚିଙ୍ଗ ସୁବାମ ସାଙ୍ଗାଇ ଇବେମହାଲ ୧୧ଟି ଗୋଲ୍ ସ୍କୋର୍ କରିଛନ୍ତି ।

# ପାଣିପାଗ

ଉତ୍ତର ପଶ୍ଚିମ ବଙ୍ଗୋପସାଗର, ପାର୍ଶ୍ୱବର୍ତ୍ତୀ ଉତ୍ତର ଓଡ଼ିଶା ଏବଂ ପଶ୍ଚିମବଙ୍ଗ ଉପକୂଳରେ ସକ୍ରିୟ ଘୂର୍ଣ୍ଣିବଳୟ ଲଘୁଚାପର ରୂପ ନେଇଛି । ଏହାର ପ୍ରଭାବରେ ଗତ ୨୪ଘଣ୍ଟା ମଧ୍ୟରେ ରାଜ୍ୟର ବିଭିନ୍ନ ଅଞ୍ଚଳରେ ମଧ୍ୟମରୁ ପ୍ରବଳ ବର୍ଷା ହୋଇଛି । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବଜ୍ରପାତ ସହ ବର୍ଷା ନେଇ ପ୍ରାୟ ସମସ୍ତ ଜିଲ୍ଲାକୁ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି ।

ଗତ ୨୪ ଘଣ୍ଟାରେ ଜଗତ୍‌ସିଂହପୁର ଜିଲ୍ଲାର ବାଲିକୁଦା ଅଂଚଳରେ ସର୍ବାଧିକ ୧୪୫ ମିଲିମିଟର ବର୍ଷା ରେକର୍ଡ କରାଯାଇଛି । ଚଳିତ ମାସ ପହିଲାରୁ ଆଜି ସୁଦ୍ଧା ରାଜ୍ୟରେ ୧୯୦ ଦଶମିକ ୫ ମିଲିମିଟର ବର୍ଷା ରେକର୍ଡ ହୋଇଥିବା ନେଇ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଜଣାପଡିଛି ।